## ବିପଦ ସଙ୍କେତ ତଳେ ବୈତରଣୀ

**ଭଣ୍ଡାରିପୋଖରୀ,(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ଶନିବାର ବୈତରଣୀ ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ଟପିଥିଲା। ଜଳସ୍ତର ୧୭.୯୫ ମିଟର ପର୍ଯ୍ୟନ୍ତ ଯାଇ ସ୍ଥିର ରହି ରାତି ପ୍ରାୟ ୧୨ଟାରୁ କମିବା ଆରମ୍ଭ କରି ବିପଦସଙ୍କେତ ତଳକୁ ଖସିଛି। ଆଖୁଆପଦାଠାରେ ବିପଦସଙ୍କେତ ୧୭.୮୩ ମିଟର ଥିବା ବେଳେ ଏବେ ଜଳସ୍ତର ୧୭.୩୭ ମିଟରରେ ରହିଛି। ବୈତରଣୀ ଉପରମୁଣ୍ଡରେ ବର୍ଷା ନ ଥିବାରୁ ବନ୍ୟା ଆଶଙ୍କା ଟଳିଥିବା ଆଖୁଆପଦା ବନ୍ୟା ନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ମିଳିଛି।

**ସଂକ୍ଷେପରେ**

### ୧୩ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଉଦୟ ପ୍ରଥମ



**ବନ୍ତ,୨୫।୭(ସ୍ୱ.ପ୍ର.):** ରାଜସ୍ଥାନର ଯୋଧପୁରରେ ଅଭିନବ ଚେସ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଭଦ୍ରକ ଜିଲା ବନ୍ତ ବ୍ଲକ ସିଲନ୍ଦି ନୋଡାଲ ୟୁପିଏମ୍‌ଇ ସ୍କୁଲର ଛାତ୍ର ଉଦୟ ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗତ ୨୩ ତାରିଖରେ ଅନ୍‌ଲାଇନରେ ବିଭିନ୍ନ ରାଜ୍ୟରୁ ୧୩ ବର୍ଷରୁ କମ୍ ଚେସ୍ ଖେଳାଳିଙ୍କୁ ନେଇ ଆୟୋଜିତ ୧୦୪ତମ ଚେସ୍ କ୍ଲବ ଏରିନା ଟୁର୍ନାମେଣ୍ଟରେ ପ୍ରଥମ ସ୍ଥାନ ହାସଲ କରି ଉଦୟ ବ୍ଲକ ତଥା ନିଜ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି।

### ଚଳନ୍ତା ଡମ୍ଫରରେ ନିଆଁ

ବାଲେଶ୍ୱର ଅଫିସ,୨୫।୭- ବାଲେଶ୍ୱର ସହର ତାମୁଲିଆ ଓଭର ବ୍ରିଜ୍‌ରେ ରବିବାର ମଧ୍ୟାହ୍ନରେ ଏକ ଡମ୍ଫର( ଓଡି ୦୪ଏଲ୍ ୫୬୦୩) ସହରରୁ କୁରୁଡା ଆଡକୁ ଯାଉଥିବା ବେଳେ ହଠାତ ନିଆଁ ଲାଗି ଯାଇଥିଲା। ଡ୍ରାଇଭର ଓ ହେଲ୍‌ପର କିଛି ବୁଝି ନ ପାରି ଗାଡିରୁ ଡିଆଁ ମାରି ପଳାଇ ଜୀବନ ରକ୍ଷା କରିଥିଲେ। ଗାଡ଼ିଟି ହୁତୁହୁତୁ ହୋଇ ଜଳୁଥିବା ବେଳେ ରାସ୍ତାର ଦୁଇପାଖ ଯିବା ଆସିବା ବନ୍ଦ ହୋଇଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପରେ ପୋଲ ଉପରେ ଯିବାଆସିବା ସ୍ୱାଭାବିକ ହୋଇଥିଲା। ନିଆଁ ଲାଗିବା କାରଣ ଜଣା ପଡି ନ ଥିଲେ ମଧ ଯାନ୍ତ୍ରିକ ତ୍ରୁଟି ଯୋଗୁ ଶର୍ଟ ସର୍କିଟ୍ ହୋଇଥିବା ଅନୁମାନ କରାଯାଉଛି।

### ୩ ଦିନ ହେଲା ପଡିଛି ଅଫୁଟା ଗୋଳା, ଗ୍ରାମବାସୀ ଆତଙ୍କିତ

ବାହାନଗା, ୨୫।୭(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତର ସମୁଦ୍ର କୂଳବର୍ତ୍ତୀ ଗ୍ରାମ ୪ ନମ୍ବର ୱାର୍ଡ ମହାରୁଦ୍ରପୁର ଆଡିଆରେ ପ୍ରତିରକ୍ଷା ବିଭାଗ ତରଫରୁ ପରୀକ୍ଷଣ ଚାଲିଥିବା ବେଳେ ଏକ ଅଫୁଟା ଗୋଳ ସମୁଦ୍ର ମଧରେ ନ ପଡି ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରେ ପଡି ୪ ଫୁଟ ଗଭୀରକୁ ପଶିଯାଇଥିଲା । ଏହି ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ ପ୍ରତିରକ୍ଷା ବିଭାଗ ତରଫରୁ ଏପର୍ଯ୍ୟନ୍ତ କେହି ତାହାକୁ ନେବାକୁ ଆସୁନାହାନ୍ତି । ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ଗୋଳାଟି ରାତିରେ ଆପେ ଆପେ ଗରମ ହୋଇ ଯାଉଥିବାରୁ କେତେବେଳେ କଣ ହେବ ତାହା ଚିନ୍ତା କରି ଲୋକେ ଭୟଭୀତ ହୋଇପଡିଛନ୍ତି। ଖସିପଡିଥିବା ଅଫୁଟା ଗୋଳାକୁ ସେହିଦିନ ପ୍ରତିରକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଦେଖି ପରେ ଆସି ନେଇଯିବାର ପ୍ରତିଶ୍ରୁତି ଦେଇଥିଲେ ମଧ କେହି ଆସୁ ନ ଥିବାରୁ ଅକ୍ଷୟାନନ୍ଦ ଦାସ ଓ ତାଙ୍କ ପୁଅ ଚିନ୍ତାରେ ରହିଛନ୍ତି।

### ଅଦ୍ଭୁତ ଶିଶୁ କନ୍ୟା ଜନ୍ମ

ସାରସକଣା,୨୫।୭(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ନିର୍ବାଚନ ମଣ୍ଡଳୀ ବିଜାତଳ ବ୍ଲକ ଅନ୍ତର୍ଗତ ରାଇଘରି ପଞ୍ଚାୟତ ପଲାଶୁଣି ଗ୍ରାମରେ ଏକ ଅଦ୍ଭୁତ ଶିଶୁ କନ୍ୟା ଜନ୍ମ ହୋଇଛି। ଗ୍ରାମର ଗଜେନ୍ଦ୍ର ଗିରିଙ୍କ ୯ ମାସର ଗର୍ଭବତୀ ସ୍ତ୍ରୀ ରଞ୍ଜିତା ଶୁକ୍ରବାର ଏହି ଶିଶୁକୁ ଜନ୍ମ ଦେଇଥିଲେ। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ରଞ୍ଜିତାଙ୍କୁ ବାରିପଦାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଲଟ୍ରାସାଉଣ୍ଡ ପରେ ପେଟରେ ଶିଶୁଟି ମରିଯାଇଥିବା ଜଣା ପଡ଼ିଥିଲା। ଶିଶୁଟିର ହାତ,ଗୋଡ଼ ଠିକ୍ ଥିବା ବେଳେ ଆଖି ବଡ଼ ଏବଂ ଦେଖିବାକୁ ବେଙ୍ଗ ଭଳି ହୋଇଥିଲା। ଜନ୍ମ ସମୟରେ ଶିଶୁଟିର ଓଜନ ୪ କିଲୋ ଥିଲା ବୋଲି ପରିବାର ଲୋକେ କହିଛନ୍ତି। ଶାରୀରିକ ଗଠନ ବୃଦ୍ଧି ନ ହେବା କାରଣରୁ ଏଭଳି ଶିଶୁ ଜନ୍ମ ହୋଇଥିବା ଅସ୍ତ୍ରୋପଚାର କରିଥିବା ଡାକ୍ତର କହିଛନ୍ତି।

### ବାହାନଗାରେ ନୂତନ ବିଡିଓ

ବାହାନଗା ,୨୫।୭(ଡି.ଏନ.ଏ.)-ବାହାନଗା ବ୍ଲକରେ ନୂତନ ଭିଡିଓ ଭାବେ ଗୌରାଙ୍ଗ ଚରଣ ଘୋଷ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ବାଲେଶ୍ୱର ଜିଲାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଟ୍ରେନିଂ ରିଜର୍ଭ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତେବେ ତାଙ୍କର ଟ୍ରେନିଂ ପିରିୟଡ ପରେ ତାଙ୍କୁ ବିଡିଓ ଭାବେ ପ୍ରଥମେ ବାହାନଗା ବ୍ଲକରେ ନିଯୁକ୍ତି କରାଯାଇଛି।

# ଆଖୁଆପଦାରେ ବ୍ୟାରେଜ ନିର୍ମାଣ ଦାବି ତେଜିଲା

**ଭଣ୍ଡାରିପୋଖରୀ, ୨୫।୭ (ଡି.ଏନ.ଏ)**

ବୈତରଣୀ ନଦୀର ଯାଜପୁର ଓ ଧାମନଗର ବ୍ଲକର ଦଶନ୍ଦିକୂଳ କୋଚିଲା ମୁହାଣଠାରେ ୨ଟି ବ୍ୟାରେଜ ନିର୍ମାଣ ପାଇଁ ସରକାର ସବୁଜ ସଙ୍କେତ ଦେଇଛନ୍ତି। ହେଲେ ଗୁରୁତ୍ୱ ଥିବା ଆଖୁଆପଦା ଆନିକଟଠାରେ ବ୍ୟାରେଜ ନିର୍ମାଣ ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପରିତାପର ବିଷୟ। ଏପରିକି ଯାଜପୁର ଜଳସମ୍ପଦ ବିଭାଗ କୌଣସି ପ୍ରାକ୍ ଆକଳନ ପତ୍ର ପ୍ରସ୍ତୁତି କରି ସରକାରଙ୍କୁ ପ୍ରଦାନ କରିନାହାନ୍ତି। ଏହା ଭଣ୍ଡାରିପୋଖରୀବାସୀଙ୍କ ପାଇଁ ପ୍ରତାରଣା ବୋଲି ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ ଅଭିଯୋଗ କରିଛନ୍ତି।

ଆଖୁଆପଦାଠାରେ ବ୍ୟାରେଜ ନିର୍ମାଣ ହେଲେ ଭଦ୍ରକ ଜିଲାର ଅଧା ଅଂଶ ବନ୍ୟା ନିୟନ୍ତ୍ରଣ ହେବା ସହ ବର୍ଷତମାମ କୃଷି କ୍ଷେତକୁ ପାଣି ଯାଇପାରିବ। ଏ

**ଆଜିଠୁ ଗାଁ ବୁଲି ଦସ୍ତଖତ ଅଭିଯାନ**

ନେଇ ପୂର୍ବରୁ ମଧ ଭାଜପା ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲା। ଏବେ ଏହି ଦାବି ତେଜିବାରେ ଲାଗିଛି। ସୋମବାରଠାରୁ ଦଳ ଗାଁ ଗାଁ ବୁଲି ଦସ୍ତଖତ ଅଭିଯାନ ଆରମ୍ଭ କରିବା ସହ ଲୋକଙ୍କୁ ବ୍ୟାରେଜ ନିର୍ମାଣ ସମ୍ପର୍କରେ ସଚେତନ କରିବ। ପ୍ରାୟ ୫୦ହଜାର ଜନସାଧାରଣଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି କାର୍ଯ୍ୟକାରିଣୀ ସଦସ୍ୟ ଧଳ କହିଛନ୍ତି। ମଣ୍ଡଳ ସଭାପତି ଗିରିଶ ଚନ୍ଦ୍ର ସାମଲ, ମୁକୁନ୍ଦ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜୟସ୍ମିତା ଗୋଛାୟତ, ଜଗବନ୍ଧୁ ଦାସ, ନିର୍ମଳ କର, ପ୍ରକାଶ ମହାପାତ୍ର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ନ୍ୟାୟ ଦାବିରେ ମୃତଦେହ ରଖି ଧାରଣା

**ସଜନାଗଡ଼, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ଭାଲୁକାସୁଣୀ ଷ୍ଟ୍ରକଚର ଅଧୀନ ବଡବିଲ ଅଞ୍ଚଳକୁ ବିଦ୍ୟୁତ୍ ମରାମତି ପାଇଁ ଯାଇଥିବା ଠିକା କର୍ମଚାରୀ ସୋମନାଥପୁର ଅଞ୍ଚଳର ଭାଗୀରଥି ମାଝି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଭାଗିରଥିଙ୍କ ସହ ଲାଇନମ୍ୟାନ ଯାଇଥିଲେ ମଧ ସେ ନିଜେ କାମ ନ କରିବିନା ଗ୍ଲୋଭସରେ ଭାଗିରଥୀଙ୍କୁ କଣ ପାଇଁ କାମରେ ଲଗାଇଥିଲେ ବୋଲି ତାଙ୍କ ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଡାକ୍ତରଖାନାକୁ କୌଣସି ବିଦ୍ୟୁତ ଅଧିକାରୀ ନ ଆସିବା ଯୋଗୁ ପରିବାର ଲୋକେ ଓ ଗ୍ରାମବାସୀ ଶନିବାର ରାତିରେ ମୃତଦେହକୁ ଡାକ୍ତରଖାନା ସାମ୍ନା ମୁଖ୍ୟ ରାସ୍ତାରେ ଉପରେ ରଖି ନ୍ୟାୟ ଦାବିରେ ଧାରଣା ଦେଇଥିଲେ।

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପହଞ୍ଚି ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ସହ ଆଲୋଚନା କରି ନୀଳଗିରି ଉପଜିଲାପାଳ, ଏସ୍‌ଡିପିଓ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ରବିବାର ପୂର୍ବାହ୍ନରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପ୍ରତିଶ୍ରୁତି ଅନୁଯାୟୀ ନୀଳଗିରି ଡାକବଙ୍ଗଳା ପରିସରରେ ଏମ୍‌ପି ଷଡଙ୍ଗୀ, ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ଏସଡିଓ ଯଯାତି କେଶରୀ ସିଂହ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ , ମୃତ ଠିକା ଶ୍ରମିକଙ୍କ ସ୍ତ୍ରୀ ମାଳତୀ ମାଝୀ, ପୁଅ ରବୀନ୍ଦ୍ର, ଝିଅ ବାସନ୍ତୀଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଭାଗିରଥୀଙ୍କ ସ୍ତ୍ରୀଙ୍କୁ ଏକ ଚାକିରି ଦେବା ସହ ଠିକା ସଂସ୍ଥା ଭାରତ ଏଜେନ୍ସି ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଅଗ୍ରୀମ ୫୦ ହଜାର ଟଙ୍କା, କ୍ଷତିପୂରଣ ପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ଏମ୍‌ପିଙ୍କ ତରଫରୁ ୩,୦୦୦ ଟଙ୍କା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ୧୦,୦୦୦ ଟଙ୍କା, ଠିକା ସଂସ୍ଥା ଭାରତ ଏଜେନ୍ସି ୨୫, ୦୦୦ଟଙ୍କା ଦେବେ ବୋଲି କହିଥିଲେ । ପ୍ରାଥମିକ ଭାବେ ୧୦,୦୦୦ ଟଙ୍କା ଦିଆଯାଇଛି।

# ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ ଅଭିଯୋଗ

**ବସ୍ତା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ(ବିବିସିସି) ବ୍ୟାଙ୍କର ବସ୍ତା ଶାଖା କର୍ତ୍ତୃପକ୍ଷ ବ୍ୟାଙ୍କ ଅଧୀନରେ ଥିବା ସମବାୟ ସମିତି କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଅଗଷ୍ଟ ୨ତାରିଖରେ ସମୂହ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ନିରଞ୍ଜନ ସାହୁ ମଥାନୀ ସେବା ସମବାୟ ସମିତିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି।

ଅଭିଯୋଗ ଅନୁଯାୟୀ, ବସ୍ତା ସମବାୟ ବ୍ୟାଙ୍କରେ କାର୍ଯ୍ୟରତ ଶାଖା ପରିଚାଳକ ଅରୁଣ କୁମାର ମାଇତି ବ୍ୟାଙ୍କ ଅଧୀନରେ ଥିବା ୧୨ଟି ସେବା ସମବାୟ ସମିତିର କାର୍ଯ୍ୟକର୍ତ୍ତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ କରୁଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କର ଉପରିସ୍ଥ କର୍ମକର୍ତ୍ତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଡିଜିଏମ୍‌ଙ୍କୁ ବାରମ୍ବାର ଜଣାଇବା ପରେ ମଧ ଅଦ୍ୟାବଧି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପରିତାପର ବିଷୟ ବୋଲି ସଭାପତି ସାହୁ ଜଣାଇଛନ୍ତି । ଆଗାମୀ ୩୧ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ଅଗଷ୍ଟ ୨ତାରିଖରୁ ବ୍ୟାଙ୍କର ବସ୍ତା ଶାଖା ସମ୍ମୁଖରେ ଗଣଧାରଣା ଦିଆଯିବ। ଏଥିରେ ବସ୍ତାର ସମସ୍ତ ୧୨ଟି ସେବା ସମବାୟ ସମିତର କର୍ମକର୍ତ୍ତା ଯୋଗଦେବା ସହିତ ଆଖପାଖ ସେବା ସମବାୟ ସମିତିରୁ ମଧ କର୍ମକର୍ତ୍ତା ସାମିଲ ହେବେ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଶାଖା ପରିଚାଳକ ମାଇତିଙ୍କୁ ପଚରାଯିବାରୁ ସେ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦୁର୍ବ୍ୟବହାର କରିଥିବା ସ୍ୱୀକାର କରିଛନ୍ତି। ସେ ଏହାର ସମାଧାନ ଲାଗି ଉଦ୍ୟମ କରି ବିଫଳ ହୋଇଛନ୍ତି। ଉପରିସ୍ଥ ଅଧିକାରୀ ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।




ଖବରଦାତା ସମ୍ମିଳନୀରେ ସେବା ସମବାୟ ସମିତିର କର୍ମକର୍ତ୍ତା।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଲଙ୍ଗଳେଶ୍ୱର, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ଡଗରା ଗ୍ରାମର ବିଶ୍ୱଜିତ ନାଗ (୩୨) ଶନିବାର ରାତିରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ପୁଅକୁ ଉଦ୍ଧାର କରିବାକୁ ଯାଇ ବାପା ବେଣୁଧର ଗୁରୁତର ହୋଇପଡିଛନ୍ତି। ଗ୍ରାମର ଜୟନ୍ତ ମଣ୍ଡଳ ଓ ଶମ୍ଭୁ ପ୍ରଧାନ ନାମକ ଦୁଇ ଚାଷୀ ସେମାନଙ୍କର ଜମିକୁ ଲୁହା ତାରରେ ବାଡ ଘେରାଇବା ସହ ସେଥିରେ ବିଦ୍ୟୁତ୍ ସଂଯୋଗ କରିଦେଇଥିଲେ। ବିଶ୍ୱଜିତ୍ ଟ୍ରାକ୍ଟରରେ ଜମି ହଳ କରି ଫେରୁଥିବା ବେଳେ ବାଟରେ ତାର ଝୁଲୁଥିବା ଦେଖି ଟେକି ଦେବାକୁ ଚେଷ୍ଟା କରିଥିଲେ। ଫଳରେ ବିଦ୍ୟୁତ ସଂସ୍ପର୍ଶରେ ଆସି ବିଶ୍ୱଜିତ୍‌ଙ୍କ ମୃତ୍ୟୁ ହୋଇଯାଇଥିଲା। ପୁଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ବାପା ବେଣୁଧର ବିଲକୁ ଖୋଜିବାକୁ ଯାଇଥିବା ବେଳେ ସେ ମଧ ବିଦ୍ୟୁତ ତାର ସଂସର୍ଶରେ ଆସି ଗୁରୁତର ହୋଇପଡିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୋଜନାବଦ୍ଧ ଭାବେ ଏଭଳି ଘଟଣା ଘଟାଯାଇଥିବା ମୃତ ବିଶ୍ୱଜିତ୍‌ଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାଲିଆପାଳ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ଏକ ମାମଲା(ନଂ.୩୦/୨୧) ରୁଜୁ ହୋଇଛି।

# ଆଖି ବୁଜିଲେ ମନ୍ଦିର ପୂଜକ

**ଖଇରା, ୨୫।୭(ଡି.ଏନ.ଏ.)**

**ଗୁଣିଗାରେଡିର କୁପରିଣତି**

ସାପ କାମୁଡା ପାଇଁ ଗୁଣିଗାରେଡି ଭଳି ଅନ୍ଧବିଶ୍ୱାସକୁ ଗ୍ରହଣ କରିବା ଅତ୍ୟନ୍ତ ଦୁଃଖ ଦାୟକ। ଏଭଳି ଏକ ଘଟଣା ଘଟିଛି ଖଇରା ଥାନା ସାରଡାଙ୍ଗ ପଞ୍ଚାୟତ ଅଧୀନ ଦାମୋଦରପୁର ଗ୍ରାମରେ । ରାଧାମାଧନ ଜୀଉ ମନ୍ଦିର ପୂଜକ ମରୁତ କୁମାର ପଣ୍ଡା(୫୮)ଙ୍କୁ ୩ ଦିନ ତଳେ ଏକ ସାପ କାମୁଡିଥିଲା । ହେଲେ ଏହାକୁ ସହଜ ଭାବେ ନେଇଥିଲେ । ଗୋଟିଏ ଦିନ ଗଲା ପରେ ସେ ସାମାନ୍ୟ ଅସୁସ୍ଥ ଅନୁଭବ କରିବାରୁ ଘର ଲୋକ ପାଖ ଗ୍ରାମର ଜଣେ ଗୁଣିଆ ଡକାଇ ଝଡାଫୁଙ୍କା କରିଥିଲେ । ରବିବାର ସକାଳେ ଶରୀରରେ ଯନ୍ତ୍ରଣା ହେବାରୁ ପରିବାର ଲେକେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଖଇରା ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ସେ ଆଖି ବୁଜିଥିଲେ। ସାପ କାମୁଡା ଯୋଗୁ ସେ ପ୍ରାଣ ହରାଇଥିବା କୁହାଯାଉଛି । ତାଙ୍କର ଏଭଳି ଆକସ୍ମିକ ମୃତ୍ୟୁରେ ପତିରାଜପୁର ମେଳା କମିଟି ପକ୍ଷରୁ ଶୋକ ପ୍ରକାଶ କରାଯାଇଛି ।

# ଡାଇଭର୍ସନ ରାସ୍ତା ଶୋଚନୀୟ

**ଯୋଡ଼ା,୨୫।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ରାଜ୍ୟ ରାଜପଥ ନଂ ୨ର ଯୋଡ଼ା ସହରସ୍ଥିତ କମାରଯୋଡା ଲାଓ ପ୍ୟାଲେସ ହେଟେଲ ନିକଟ ଡାଇଭର୍ସନ ରାସ୍ତାଟି ଶୋଚନୀୟ ହୋଇଥିବାରୁ ଲୋକ ହଇରାଣ ହେଉଛନ୍ତି। ପୂର୍ତ୍ତ ବିଭାଗ ଠିକାସଂସ୍ଥା ପକ୍ଷରୁ ଯୋଡା ସହରରେ ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି । ଉକ୍ତ ସ୍ଥାନରେ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ରାସ୍ତାରେ ଜନସାଧାରଣଙ୍କ ଯାତାୟାତ କରିବା ପାଇଁ ରହିଥିବା ଡାଇଭର୍ସନ ରାସ୍ତା ପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ରାସ୍ତାସାରା କାଦୁଅ ଓ ମାଟି ଭର୍ତ୍ତି ହୋଇ ରହି ଗମନାଗମନରେ ବାଧା ସୃଷ୍ଟି କରୁଥିବା ସୁମିତ କୁମାର ଦାସ,ବିଶ୍ୱଜିତ ପାଣିଗ୍ରାହୀ,ଏମ୍‌ଡ଼ି ମୁଦାଶିର ପ୍ରମୁଖ କହିଛନ୍ତି। ଠିକାସଂସ୍ଥା ପକ୍ଷରୁ ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟ ସମୟରେ ରଣାଶାଳ ଠାରୁ କମାରଯୋଡା ପର୍ଯ୍ୟନ୍ତ ଉକ୍ତ ରାସ୍ତା ମରାମତି ପ୍ରତି ଆଦୌ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି । ତୁରନ୍ତ ଏହାର ମରାମତି ପାଇଁ ଦାବି ହୋଇଛି।

# ମିଥ୍ୟା ସତ୍ୟପାଠରେ ମଧ୍ୟାହ୍ନଭୋଜନ ଟେଣ୍ଡର ହାତେଇବା ଉଦ୍ୟମ

**କେନ୍ଦୁଝର,୨୫।୭(ସ୍ୱ.ପ୍ର.)**

ମିଥ୍ୟା ସତ୍ୟପାଠ ଦେଇ ବିଭିନ୍ନ ବିଦ୍ୟାଳୟକୁ ମଧ୍ୟାହ୍ନଭୋଜନ ଯୋଗାଣ ପାଇଁ ଟେଣ୍ଡର ହାତେଇବା ପାଇଁ ଜଣେ ଠିକାଦାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଏହା ଜଣାପଡ଼ିବା ପରେ ପୁନଃ ଯାଞ୍ଚ ପାଇଁ ଜିଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଡିଆର୍‌ଡିଏ, ସିଏସ୍‌ଓ ଏବଂ ଡିଇଓଙ୍କୁ ନେଇ ଗଠିତ କମିଟି ଏହାର ଯାଞ୍ଚ କରୁଛି । ପ୍ରକାଶ ଯେ, ନିୟମ ଅନୁଯାୟୀ ଟେଣ୍ଡର ପ୍ରକାଶିତ ହେବାର ୨୧ ଦିନ ମଧରେ ଆବେଦନ ବ୍ୟବସ୍ଥା ଥିଲେ ହେଁ ଏହି ଟେଣ୍ଡର ପାଇଁ ୩ ଦିନ ଛୁଟି ଦିବସକୁ ମିଶାଇ ମୋଟ ୮ ଦିନ ସମୟ ଦିଆଯାଇଥିଲା। ଯାହାକି ନିୟମାବଳୀର ବିରୋଧୀ ବୋଲି ଅଭିଯୋଗ ହୋଇଛି। ଜିଲା ଶିକ୍ଷା ବିଭାଗ ସର୍ବନିମ୍ନ ଟେଣ୍ଡର ପକାଇଥିବା ଉକ୍ତ ଠିକାଦାରଙ୍କ ନାମରେ ଅନୁମୋଦନ କରି ଟେଣ୍ଡର କମିଟିର ଅଧକ୍ଷ ପ୍ରକଳ୍ପ ନିର୍ଦ୍ଦେଶକ ଡିଆର୍‌ଡିଏଙ୍କ ନିକଟକୁ ଏପ୍ରିଲ ୫ ତାରିଖରେ ଫାଇଲ ପଠାଇ ଦେଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଏହାକୁ ଅନୁମୋଦନ କରି ଜିଲାପାଳଙ୍କ ପାଖକୁ ପଠାଇଥିଲେ। ତେବେ ଜିଲାପାଳ କେତେକ କାଗଜପତ୍ର ତନଖି କରି ପୁନଃ ଯାଞ୍ଚ ପାଇଁ ଏପ୍ରିଲ ୯ ତାରିଖରେ ଫାଇଲ ଫେରାଇ ଦେଇଥିଲେ।

ପୁଣି ଦୁଇ ମାସ ପରେ ଜିଲା ଶିକ୍ଷା ବିଭାଗ ଗତ ଜୁନ ୨୧ ତାରିଖରେ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ଉକ୍ତ ଟେଣ୍ଡର ଫାଇଲ ପଠାଇଥିଲେ। ତେବେ ଉକ୍ତ ଟେଣ୍ଡର ପାଇଥିବା ସମ୍ପୃକ୍ତ ଠିକାଦାର ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଅଭିଯୋଗ ମିଳିବା ପରେ ଡିଇଓ ଟେଣ୍ଡର କମିଟିର ଅଧକ୍ଷଙ୍କୁ ଜଣାଇଲେ। ସେ କୌଣସି ଅନ୍ୟ କାମ କରୁ ନ ଥିବା କିମ୍ବା ତାଙ୍କ ନାମରେ କୌଣସି ରିକୋଭରୀ ଅଭିଯୋଗ ନ ଥିବା ସତ୍ୟପାଠରେ ଦର୍ଶାଇଥିଲେ । ଅଭିଯୋଗ

**ପୁନଃ ଯାଞ୍ଚ ନିର୍ଦ୍ଦେଶ ଦେଲେ ଜିଲାପାଳ**

ମିଳିବା ପରେ ଡିଆର୍‌ଡିଏ ପକ୍ଷରୁ ପତ୍ର ସଂଖ୍ୟା ୨୬୦୦/ ୧୮।୬।୨୦୨୧ରେ ସିଏସ୍‌ଓ ଏବଂ ଡିଏସ୍‌ଡବ୍ଲ୍ୟୁଓଙ୍କୁ ଚିଠି କରି ଟେଣ୍ଡର ପାଇଥିବା ଠିକାଦାରଙ୍କ ବିରୋଧରେ କୌଣସି ତଥ୍ୟ ଥିଲେ ଗତ ଜୁନ ୨୫ ତାରିଖ ସୁଦ୍ଧା ଜଣାଇବାକୁ ଆଦେଶ ଦେଇଥିଲେ। ଉଭୟ ସିଏସ୍‌ଓ ଏବଂ ଡିଏସ୍‌ଡବ୍ଲ୍ୟୁଓ ୨୫ ତାରିଖରେ ପୃଥକ ପୃଥକ ଭାବରେ ଚିଠି ଲେଖି ଜିଲା ଶିକ୍ଷା ବିଭାଗକୁ ଜଣାଇଥିଲେ। ଉକ୍ତ ଠିକାଦାର ତାଙ୍କ ବିଭାଗରେ ପିଡିଏସ୍ କାମ କରୁଥିବା ନେଇ ସିଏସ୍‌ଓ ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ତାଙ୍କ ବିରୋଧରେ ଥିବା ଏଜିଙ୍କ ରିପୋର୍ଟରେ ୧୬.୫ କୁଇଣ୍ଟାଲ ଚାଉଳ ଫେରସ୍ତ କରିବା ପାଇଁ କରାଯାଇଥିବା ଆଦେଶ ତଥ୍ୟକୁ ଡିଏସ୍‌ଡବ୍ଲ୍ୟୁଓ ତାଙ୍କ ରିପୋର୍ଟରେ ଜଣାଇଥିଲେ। ଫଳରେ ମିଥ୍ୟା ସତ୍ୟପାଠ ଦେଇଥିବା ଜଣାପଡ଼ିବା ସତ୍ତ୍ୱେ ତାଙ୍କୁ କାମ ଦେବାକୁ ସୁପାରିଶ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଏନେଇ ଜିଲାପାଳ ପୁରୁଣା ଟେଣ୍ଡର କମିଟିକୁ ଭାଙ୍ଗି ଯାଞ୍ଚ କରିବା ପାଇଁ କହି ଜୁଲାଇ ୪ ତାରିଖରେ ପୁଣି ଫାଇଲ ଫେରାଇ ଦେଇଥିଲେ। ଅଭିଯୋଗ ସତ୍ତ୍ୱେ ଟେଣ୍ଡରକୁ ବାତିଲ କରା ନ ଯାଇ ଉକ୍ତ ବ୍ୟକ୍ତିଙ୍କୁ ଦେବାକୁ ଉଦ୍ୟମ କରାଯାଉଥିବା ନେଇ ଟେଣ୍ଡରରେ ଭାଗ ନେଇଥିବା ଅନ୍ୟମାନେ ଅଭିଯୋଗକରିଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ସଂଗ୍ରାମ ସାହୁ କହିଛନ୍ତି ଯେ, ଜିଲାପାଳଙ୍କ ଆଦେଶ କ୍ରମେ ଅତିରିକ୍ତ ଜିଲାପାଳଙ୍କ ଅଧକ୍ଷତାରେ ଗଠିତ କମିଟି ଏହାର ସମୀକ୍ଷା କରୁଛି। ଏନେଇ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ ନାୟକଙ୍କୁ ପଚାରିବାରୁ ଅଭିଯୋଗର ଯାଞ୍ଚ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମୋବାଇଲ ଚୋର ଗ୍ୟାଙ୍ଗ ଗିରଫ

**ଭଦ୍ରକ ଅଫିସ, ୨୫।୭**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ରବିବାର ଏକ ମୋବାଇଲ ଚୋର ଗ୍ୟାଙ୍ଗକୁ ଗିରଫ କରିଛି। ଏହି ଗ୍ୟାଙ୍ଗର ୩ ସଦସ୍ୟ ବିଭିନ୍ନ ଛକରୁ ସାମାନ୍ୟ ଅନ୍ୟମନସ୍କ ହେଉଥିବା ଲୋକଙ୍କଠାରୁ ମୋବାଇଲ ଲୁଟ୍ କରୁଥିଲେ ବୋଲି ଥାନାଧିକାରୀ ଆଲୋକ କୁମାର ଜେନା ସୂଚନା ଦେଇଛନ୍ତି। ଗିରଫ ୩ ଯୁବକ ହେଲେ ଭଦ୍ରକ ଗୁଜିଦରଡ଼ା ଅଞ୍ଚଳର ଶେଖ୍ ଅରିଫ, ରାଣୀତାଲ ଅଞ୍ଚଳର ସତ୍ୟପ୍ରିୟ ବାରିକ ଓ ତପନ ଦାସ। ସେମାନଙ୍କଠାରୁ ୩ଟି ଦାମୀ ମୋବାଇଲ ଜବତ କରାଯାଇଛି। ବେନ୍ତାଳ ଗ୍ରାମର ସନ୍ତୋଷ କୁମାର ପାଣିଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୩୦୯/୨୧) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି।

# ଜିଲା ପରିଷଦ ସଦସ୍ୟଙ୍କୁ ଆକ୍ରମଣ

**ଭଣ୍ଡାରିପୋଖରୀ, ୨୫।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ୨୨ ନଂ. ଜୋନ ଜିଲା ପରିଷଦ ସଦସ୍ୟ ତଥା ଜିଲା ଛାତ୍ର ବିଜେଡି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳଙ୍କୁ ରବିବାର ଅପରାହ୍ନରେ ଆକ୍ରମଣ କରାଯାଇଛି। ସେ କୌଣସି କାମରେ ମଞ୍ଜୁରୀରୋଡ଼ ଫାଣ୍ଡି ଆଡ଼କୁ ଯାଉଥିବା ସମୟରେ ସ୍ଥାନୀୟ ବଜାରର ତାରିଣୀ ମନ୍ଦିର ସମ୍ମୁଖରେ ତାଙ୍କୁ କେହି ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ତେବେ ଧାମନଗର ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର ଓ ଭଣ୍ଡାରିପୋଖରୀ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଫେରିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀ ଗିରଫ

**ଭଦ୍ରକ ଅଫିସ, ୨୫।୭**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କାଉପୁର ପଞ୍ଚାୟତ ଏଡ଼ାଦେଇ ଗ୍ରାମର ଛବିରାଣୀ ସାହୁଙ୍କୁ ହତ୍ୟା ଘଟଣାରେ ସ୍ୱାମୀ ଗୋବିନ୍ଦ ସାହୁଙ୍କୁ ପୋଲିସ ରବିବାର ଗିରଫ କରିଛି। ପ୍ରକାଶ ଯେ, ଶନିବାର ଏହି ଘଟଣା ଘଟିଥିଲା। ଗୋବିନ୍ଦ ପରକୀୟା ପ୍ରୀତି ସନ୍ଦେହରେ କୁରାଢ଼ିରେ ଛବିରାଣୀଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ହତ୍ୟା ମାମଲା(ନଂ. ୩୦୮/୨୧) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ଗୋବିନ୍ଦଙ୍କୁ ଥାନାରେ ଅଟକ ରଖି ଜେରା କରିଥିଲା। ଛବିରାଣୀଙ୍କୁ ହତ୍ୟା କରିଥିବା ଜେରା ସମୟରେ ଗୋବିନ୍ଦ ସ୍ୱୀକାର କରିବା ପରେ ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଆଲୋକ କୁମାର ଜେନା ସୂଚନା ଦେଇଛନ୍ତି।

# ଜମିପଟ୍ଟା ନ ଥିବାରୁ ଫେରୁଛି ଇନ୍ଦିରା ଆବାସ



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ୫ ଗ୍ରାମର ବାସିନ୍ଦା।

**ଖଇରା, ୨୫।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଗଡପୋଖରୀ ପଞ୍ଚାୟତର ୫ ଗ୍ରାମରେ ଦୀର୍ଘଦିନରୁ ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତିର ଲୋକଙ୍କୁ ଜଙ୍ଗଲଜମି ପଟ୍ଟା ମିଳୁନାହିଁ। ଫଳରେ ଆବାସ ଯୋଜନାରେ ମିଳୁଥବା ପକ୍କାଗୃହରୁ ସେମାନଙ୍କୁ ବଞ୍ଚିତ କରି ରଖାଯାଉଛି। ଏନେଇ ଶତାଧିକ ଗ୍ରାମବାସୀ ଗୁରୁବାର ଖଇରା ତହସିଲଦାରଙ୍କୁ ଭେଟି ଭୂମିହୀନଙ୍କୁ ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି।

**ତହସିଲଦାରଙ୍କୁ ଭେଟିଲେ ୫ ଗ୍ରାମର ବାସିନ୍ଦା**

ଘଟଣା ସମ୍ପର୍କରେ ଅନୁଧ୍ୟାନ କରି ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବାକୁ ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଏହି ବାସିନ୍ଦାମାନେ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ଜଙ୍ଗଲଜମିରେ ରହୁଛନ୍ତି। ଭୂମିହୀନ ସୂତ୍ରରେ ପଟ୍ଟା ପାଇଁ ଗଡପୋଖରୀ ସମେତ, ଗୁଆପାଳ, ଗଗୁଆ, ଶରତ ଓ ଭୁଦେଇଶୁଳ ଗ୍ରାମବାସୀ ବିଭିନ୍ନ ଅଧିକାରୀଙ୍କ ନିକଟରେ ଗୁହାରୀ କରି ଆସୁଛନ୍ତି । ୨୦୧୮-୧୯ରୁ ସେମାନଙ୍କ ନାମ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହୋଇସାରିଥିଲେ ହେଁ ଜମିପଟ୍ଟା ନ ଥିବାରୁ ଘର ନିର୍ମାଣ କରି ପାରୁ ନାହାନ୍ତି । ଏହଛଡା ବାସସ୍ଥାନ ପ୍ରମାଣପତ୍ର ପାଇବାକୁ ମଧ ଅକ୍ଷମ ହୋଇପଡୁଛନ୍ତି । ପୁନଶ୍ଚ ବାଧ ହୋଇ ସେମାନେ ନୂତନ ଭାବେ ଯୋଗ ଦେଇଥିବା ତହସିଲଦାରଙ୍କୁ ଭେଟିଥିବା ନେଇ କବିତା ପାତ୍ର, ମଞ୍ଜୁଲତା ନାଇକି, ଗୀତାଞ୍ଜଳୀ ହେମ୍ବ୍ରମ ପ୍ରମୁଖ ପ୍ରକାଶ କରିଛନ୍ତି ।

# ପୋଲିସ ପହରା ସତ୍ତ୍ୱେ ଚୋରି

**ଆରଡ଼ି,୨୫।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଧୂଷୁରୀ ଥାନା ବେତାଳିଗାଁ ବଜାରରେ ଶନିବାର ରାତିରେ ଏକ ଔଷଧ ଦୋକାନରୁ ନଗଦ ୮ ହଜାର ୫ଶହ ଟଙ୍କା ଓ ଏକ ମୋବାଇଲ ଚୋରି ହୋଇଛି। ଦୋକାନୀ ପ୍ରଶାନ୍ତ ନାୟକ ରବିବାର ଧୂଷୁରୀ ଥାନାରେ ଏତଲା ଦେଇଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ବେଳେ ଦୋକାନ ବନ୍ଦ କରି ପ୍ରଶାନ୍ତ ଘରକୁ ଆସିଥିଲେ। ରବିବାର ସକାଳୁ ଆସି ଦୋକାନ ଖୋଲିଲା ବେଳକୁ ପଛପଟ ଆଜବେଷ୍ଟସ କାଟି କେହି ଭିତରେ ପଶି ଚୋରି କରିଥିବା ଜଣାପଡ଼ିଥିଲା ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ତଦନ୍ତ କରିଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ବଜାରରେ ବାରମ୍ବାର ଚୋରି ହେଉଥିଲା। ବଜାର କମିଟି ସ୍ଥାୟୀ ସମାଧାନ ପାଇଁ ଥାନାକୁ ଲେଖି ଜଣାଇଥିଲା। ଦୁଇବର୍ଷ ହେଲା ରାତିରେ ବଜାରରେ ପୋଲିସ କର୍ମଚାରୀ ପହରା ଦେଉଛନ୍ତି। ଏହା ସତ୍ତ୍ୱେ ଚୋରି ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କମିଟି ଥାନାରେ ଅଭିଯୋଗ କରିବ ବୋଲି ସମ୍ପାଦକ ପ୍ରତାପ ବାରିକ କହିଛନ୍ତି।

